ISSN 0973-3264

# ସପ୍ତର୍ଷି

ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା – ୨୦୧୯

(ଜାନୁଆରୀ – ଜୁନ)



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | |
| ୧- | ଆସାମ ଓ ଓଡ଼ିଶାର ସଂଯୋଗ ସେତୁ ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆ | ଡକ୍ଟର ମଣୀନ୍ଦ୍ର କୁମାର ମେହେର | ୧ |
| ୨- | ସଂପର୍କର କଥା କହେ ଲେଖକ | ଡ. ସୁରେନ୍ଦ୍ର କୁମାର ବେହେରା | ୯ |
| ୩- | ଓଡ଼ିଆ ଜାତୀୟତା ଓ ସଂସ୍କୃତି କ୍ଷେତ୍ରରେ ମନୋଜ ଦାସ : ଏକ ଭିନ୍ନ ଦୃଷ୍ଟି | ଡଃ ଶୁକମୁନି ମେହେର | ୧୫ |
| ୪- | ଜ୍ୱାହେର୍ ଓ ଜଗନ୍ନାଥ | ଡଃ ନାକୁ ହାଁସଦାଃ | ୧୯ |
| ୫- | ତପସ୍ୱିନୀର ତପସ୍ୟାଲୋକ | ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ | ୨୪ |
| ୬- | ଓଡ଼ିଆ କବିତାରେ ନକ୍ସଲ ଚେତନା | ଡ. ଶ୍ରୀକାନ୍ତ କୁମାର ବାରିକ | ୨୯ |
| ୭- | ମନୋରଂଜନର ମାଧ୍ୟମରେ ଲୋକକାହାଣୀର ଗୁରୁତ୍ୱ | ଡ. ସଂଘମିତ୍ରା ମହାପାତ୍ର | ୩୪ |
| ୮- | ୧୯୮୦ ପରବର୍ତ୍ତୀ ଶିଶୁନାଟକ ଓ ଶିଶୁମନସ୍ତତ୍ତ୍ୱ : ଏକ ଆକଳନ | ନିବେଦିତା ଜେନା | ୩୮ |
| ୯- | ଓଡ଼ିଆ ଓ ହିନ୍ଦୀ ନବନାଟକର କଥାବସ୍ତୁ | ଅଧ୍ୟାପିକା ଜ୍ୟୋସ୍ନାରାଣୀ କର | ୪୩ |
| ୧୦- | ଧର୍ମ ଓ ମାନବିକତା | ଜୟକୁମାର ଦାଶ | ୪୯ |
| ୧୧- | ରାଧାରୁ ଶ୍ରୀରାଧା | ଡକ୍ଟର ସୁମନ୍ତ ନାଏକ | ୫୨ |
| ୧୨- | ଚେତନାର ଚର୍ଚ୍ଚିତ ଚମକ - କବି ବ୍ରଜନାଥ | ପ୍ରଦୀପ୍ତ କୁମାର ମିଶ୍ର | ୫୮ |
| ୧୩- | ସରୋଜିନୀ ସାହୁଙ୍କ ଗଳ୍ପରେ ସଂପର୍କର ଲୁଚକାଳି | ଅଧ୍ୟାପିକା ଚିନ୍ମୟୀ ପ୍ରଧାନ | ୬୨ |
| ୧୪- | ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ରଗଳ୍ପ | ଡ. ସମୀର ଭୋଇ | ୭୧ |
| ୧୫- | ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷଣ ପଦ୍ଧତି | ବିଶ୍ୱନାଥ ସାହୁ | ୭୫ |
| ୧୬- | ଓଡ଼ିଆ ଭାଷା ଓ ସାହିତ୍ୟର ଆହ୍ୱାନ : ସମକାଳର ଦୃଶ୍ୟ | ଡଃ ପଲ୍ଲୀଶ୍ରୀ ପଟ୍ଟନାୟକ | ୭୯ |
| ୧୭- | ଓଡ଼ିଆ ଉପନ୍ୟାସ ଓ ଜଗତୀକରଣ | ଦୟାନିଧି ପରିଡ଼ା | ୮୭ |
| | **କବିତା ବିଭାଗ :-** | | |
| ୧୮- | ବୁଢ଼ାଶଙ୍ଖାରି | ହେମାଙ୍ଗିନୀ ଦାଶ | ୯୧ |
| ୧୯- | କଢ଼ିଏ ଫୁଟନ୍ତୁ | ଅଞ୍ଜଳି ପଟ୍ଟନାୟକ | ୯୭ |
| ୨୦- | ପ୍ରକୃତ ପ୍ରଣାଳୀ ଜରିଆରେ | କୃଷ୍ଣ ମିଶ୍ର | ୯୮ |
| ୨୧- | ମହୁ ବାଗିର୍ ମିଠା | ଦୀନବନ୍ଧୁ ପଣ୍ଡା | ୯୮ |
| | **ଗଳ୍ପ ବିଭାଗ :-** | | |
| ୨୨- | ଛତା | ସଦାନନ୍ଦ ତ୍ରିପାଠୀ | ୯୯ |
| ୨୩- | ସ୍ୱପ୍ନର ଦୈର୍ଘ୍ୟ | ଡକ୍ଟର ବୀଣାପାଣି ପ୍ରଧାନ | ୧୦୫ |

# ଜାହେର୍ ଓ ଜଗନ୍ନାଥ

ଡଃ ନାକୁ ହାଁସଦାଃ

ଭାରତ ଭୂମିରେ ବିଭିନ୍ନ ସମ୍ପ୍ରଦାୟ ତଥା ଗୋଷ୍ଠୀର ଲୋକମାନେ ବସବାସ କରୁଥିବା କଥା ଜଣାଯାଇଥାଏ । ଏହି ସମ୍ପ୍ରଦାୟମାନଙ୍କ ମଧ୍ୟରେ ସଂସ୍କୃତି ପରମ୍ପରା ତଥା ଧର୍ମକୁ ନେଇ ଅନେକ ବିଭେଦତା ଥିଲେ ହେଁ, ସେଥିରେ ମଧ୍ୟ ଅନେକ ସାମାଞ୍ଜସ୍ୟତା ରହିଛି । ଯାହା ଏମାନଙ୍କଠାରେ ଭାରତୀୟ ଜାତୀୟତା ଭାବନା ତଥା ସମସ୍ତ ଭିନ୍ନତା ମଧ୍ୟରେ ଏକତା ସୃଷ୍ଟି କରିବା କ୍ଷେତ୍ରରେ ସହାୟକ ହୋଇଥାଏ । ଏହି ପ୍ରବନ୍ଧରେ ସେହି ଧରଣର ଏକ ବିଷୟବସ୍ତୁ ଆଲୋଚନା କରିବା ସକାଶେ ମୁଁ ପ୍ରୟାସ ମାତ୍ର କରୁଅଛି ।

ଭାରତର ଜନ ସମୁଦାୟକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା - (୧) ଆଦିବାସୀ ଏବଂ (୨) ଅଣଆଦିବାସୀ । ଯେଉଁମାନେ ଏହି ଭୂଖଣ୍ଡରେ, ପୂର୍ବରୁ ବସବାସ କରି ଆସୁଅଛନ୍ତି ସେମାନଙ୍କୁ ଆଦି ବା ପ୍ରଥମ ବାସିନ୍ଦା ବୋଲି କୁହାଯାଉଥିବା ବେଳେ ଅନ୍ୟମାନଙ୍କୁ ଅଣଆଦିବାସୀ ବୋଲି କୁହାଯାଇଥାଏ । ଆଦିବାସୀମାନଙ୍କ ମଧ୍ୟରେ ସମଗ୍ର ଭାରତବର୍ଷରେ ୨୦୦୧ ମସିହା ଜନଗଣନା ଭିତ୍ତିରେ ଦେଶରେ ୪୩୭ ପ୍ରକାରର ଆଦିବାସୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ସାନ୍ତାଳ ଏକ ପ୍ରମୁଖ ସମ୍ପ୍ରଦାୟ । ଏହି ଆଦିବାସୀ ଗୋଷ୍ଠୀ ଓଡ଼ିଶା ସମେତ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ, ମଣିପୁର ଆଦି ବିସ୍ତୀର୍ଣ୍ଣ ଅଂଚଳରେ ବସବାସ କରନ୍ତି । ଏପରିକି ଭାରତ ବାହାରେ ବଙ୍ଗଳାଦେଶ, ନେପାଳ, ଭୂଟାନ, ମରିସସ୍ ଆଦି ରାଷ୍ଟ୍ରମାନଙ୍କରେ ମଧ୍ୟ ରହି ଆସୁଥିବା କଥା ଜଣାଯାଇଥାଏ । ଏହି ଆଦିବାସୀଙ୍କୁ ଅନେକ ସ୍ଥଳରେ ହିନ୍ଦୁ ଧର୍ମାବଲମ୍ବୀ ବୋଲି ବିବେଚନା କରାଯାଉଥିଲେ ହେଁ ପ୍ରକୃତରେ ସେମାନେ ହିନ୍ଦୁ ନୁହଁନ୍ତି । ସେମାନଙ୍କର ଶାରନା ବୋଲି ଏକ ସ୍ୱତନ୍ତ୍ର ଧର୍ମ ରହିଛି । ଯାହାର ପୂଜାସ୍ଥଳୀ ହେଉଛି ଏକ ପ୍ରାକୃତିକ ପରିବେଷ୍ଟନୀ 'ଜାହେର୍‌ଗାଢ୍' ବା ଜାହିରା ।

ସେହିପରି ଅଣଆଦିବାସୀମାନଙ୍କ ମଧ୍ୟରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ୍ୟ ଆଦି ସମ୍ପ୍ରଦାୟଗୁଡ଼ିକ ଥିଲେ ହେଁ, ଏମାନଙ୍କ ମଧ୍ୟରେ ହିନ୍ଦୁ ଏକ ପ୍ରମୁଖ ସମ୍ପ୍ରଦାୟ । ଏହି ହିନ୍ଦୁ ଧର୍ମର ବିଭିନ୍ନ ଦେବାଦେବୀଙ୍କ ଉପାସାନାକୁ ଭିତ୍ତିକରି ବିଭିନ୍ନ ଶାଖାପ୍ରଶାଖା ରହିଥିବା ଦୃଷ୍ଟିଗୋଚର ହୁଏ । ଏଗୁଡ଼ିକ ମଧ୍ୟରେ ଶ୍ରୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ନେଇ ଶ୍ରୀଜଗନ୍ନାଥ ଧର୍ମ ଗଢ଼ି ଉଠିଥିବା କଥା ସର୍ବଜନ ବିଦିତ । ଏହା ହିନ୍ଦୁ ଧର୍ମର ପରିସରଭୁକ୍ତ ହୋଇଥିଲେ ହେଁ ଏହାର ସ୍ୱାତନ୍ତ୍ର୍ୟତାକୁ ଅସ୍ୱୀକାର କରାଯାଇନପାରେ । ଆଲୋଚ୍ୟ ପ୍ରବନ୍ଧରେ ଆଦିବାସୀମାନଙ୍କ ଜାହେର୍ ଓ ଜଗନ୍ନାଥ ଧର୍ମ ମଧ୍ୟରେ ଥିବା ସାମଞ୍ଜସ୍ୟତାକୁ ଆଲୋଚନା କରାଯାଉଅଛି ।

**ଟିନି ଦିଅଁଙ୍କ ପୂଜା -**

ସାନ୍ତାଳ ଆଦିବାସୀମାନଙ୍କ ପ୍ରତ୍ୟେକ ଗ୍ରାମରେ ପୂଜାସ୍ଥଳୀ ଭାବେ ଜାହେର୍‌ମାନ ସ୍ଥାପନ କରାଯାଇଥାଏ । ପ୍ରାୟତଃ ଏହା ଗ୍ରାମର ଜନବସତିଠାରୁ ଟିକିଏ ଦୂରରେ ରହିଥାଏ । ଏହି ଜାହେର୍ ସବୁ ସରକାରୀ ରେକର୍ଡ଼ ପତ୍ରମାନଙ୍କରେ ଜାହିରା (ଦେବସ୍ଥଳୀ) ନାମରେ ଲିପିବଦ୍ଧ ହୋଇଥିବା କଥା ଜଣାଯାଇଥାଏ । ଏହା ଏକ କ୍ଷୁଦ୍ର ଜଙ୍ଗଲ ପରି, ଏଥିରେ ବହୁ ପୁରାତନ ଗଛ ସବୁ ସଂରକ୍ଷିତ ହୋଇ ରହିଥାଏ । ବିଶେଷତଃ ଶାଳ, ପିଆଶାଳ, ବଟ, କେନ୍ଦୁ ଆଦି ବୃକ୍ଷମାନ ରହିଥିବା ଦେଖାଯାଏ । ଏହାର ସୀମାକୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଧାରଣ କରାଯାଇଥାଏ । ଏହି ଭୂମିକୁ ପବିତ୍ର ଭୂମିଭାବେ ଗ୍ରହଣ କରାଯାଇଥାଏ । ଏହି ପରିସର ବାସ୍ତବରେ ସ୍ନିଗ୍ଧ ତଥା ଶାନ୍ତି ପ୍ରଦାୟକ । ଏହି ଭୂମିରେ ପଦପାତ କରିବା ମାତ୍ରେ ଆପେ ଆପେ ମନ ମଧ୍ୟରେ ଭକ୍ତିଭାବ ଜାଗ୍ରତ ହୁଏ । ସୃଷ୍ଟିକର୍ତ୍ତାଙ୍କ ଅସ୍ତିତ୍ୱକୁ ବେଶ୍ ସ୍ପଷ୍ଟ ଭାବେ ଅନୁଭବ କରିହୁଏ । ଜାହେର୍‌ର ମନୋରମ ପରିବେଶ ହିଁ ଅନେକାଂଶରେ ଏଥିରେ ସହାୟକ ହୋଇଥାଏ ।

ପ୍ରତ୍ୟେକ ଜାହେର୍‌ରେ ମୁଖ୍ୟତଃ ତିନି ଠାକୁର ପୂଜା ପାଆନ୍ତି । ଏହି ତିନି ଠାକୁରଙ୍କ ସେମିତି କୌଣସି ବିଗ୍ରହ ନଥାଏ । କାରଣ ସାନ୍ତାଳ ଆଦିବାସୀଙ୍କ ପରମ୍ପରାରେ ମୂର୍ତ୍ତି ପୂଜାର ପ୍ରଚଳନ ନାହିଁ । ତେଣୁ ତିନି ଦିଅଁ ତିନି ଗୋଟି ଶିଳା ରୂପରେ ହିଁ ପୂଜା ପାଇଥାନ୍ତି । ଏହି ତିନି ଠାକୁରଙ୍କ ମଧ୍ୟରୁ ମଧ୍ୟ ଭାଗରେ ଯିଏ ଅବସ୍ଥାନ କରିଥାନ୍ତି, ସେ ହେଉଛନ୍ତି ଜାହେର୍‌ଏରା ତାହାଙ୍କ ଡାହାଣକୁ ବାବା ମଣେକ, ବାମକୁ ଲିଟା ଠାକୁର ଅଛନ୍ତି । ଅର୍ଥାତ୍ ଦୁଇ ଠାକୁର ଏବଂ ଜଣେ ଦେବୀ । ଏହି ଦେବୀ ଜାହେର୍ ଏରା ହେଉଛନ୍ତି ଜାହେର୍‌ର ସର୍ବେସର୍ବା ।

ଜାହେର୍‌ରେ ତିନି ଠାକୁର ରହିବା ପରି ଶ୍ରୀ ମନ୍ଦିରରେ ମଧ୍ୟ ତିନି ଠାକୁର ହିଁ ପୂଜା ପାଇଥାନ୍ତି । ପୁନଶ୍ଚ ସେମାନଙ୍କ ମଧ୍ୟରୁ ମଧ୍ୟ ଭାଗରେ ସୁଭଦ୍ରା ଠାକୁରାଣୀ ଓ ତାହାଙ୍କ ଡାହାଣକୁ ବଡ଼ଠାକୁର ବଳଭଦ୍ର ଏବଂ ବାମ ପାର୍ଶ୍ୱରେ ଜଗତର ନାଥ ଜଗନ୍ନାଥ ପୂଜା ପାଉଥାନ୍ତି । ଏହା ଅବିକଳ ଜାହେର୍‌ର ତିନି ଠାକୁରଙ୍କ ସଂସ୍ଥାପନ ସହିତ ସାମଞ୍ଜସ୍ୟ ରକ୍ଷା କରୁଅଛି । କେହି କେହି ଆଲୋଚକ ସୁଦର୍ଶନ ମହାପ୍ରଭୁଙ୍କୁ ମିଶାଇ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଥିବା କଥା କହିଥାନ୍ତି । ଠିକ୍ ଜାହେର୍ କ୍ଷେତ୍ରରେ ମଧ୍ୟ ତାହା ହିଁ ହୋଇଅଛି । ଜାହେର୍‌ରେ ତିନିଠାକୁର ପୂଜା ପାଉଥିଲେ ମଧ୍ୟ ଧର୍ମର ପ୍ରତୀକ ସ୍ୱରୂପ ଶାଳବୃକ୍ଷ ତାଙ୍କ ପାଖେ ପାଖେ ସର୍ବଦା ରହିଥାଏ । ତେଣୁ ଏହାକୁ ମିଶାଇଲେ ଜାହେର୍‌ରେ ପୂଜା ପାଉଥିବା ଠାକୁରଙ୍କ ସଂଖ୍ୟା ମଧ୍ୟ ଚାରି । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ଜାହେର୍‌ରେ ଶାଳବୃକ୍ଷ ମୂଳରେ ପୂର୍ବୋକ୍ତ ତିନିଠାକୁର ପୂଜା ପାଇଥାନ୍ତି । ଯଦି କୌଣସି ଜାହେର୍‌ରେ ଶାଳବୃକ୍ଷ ନଥିଲେ, ସେ କ୍ଷେତ୍ରରେ ଅନ୍ୟ ଯେକୌଣସି ସ୍ଥାନରୁ ଶାଳ ଗଛର ଡାଳକୁ କାଟି ଆଣି ସ୍ଥାପନ କରାଯିବା ପରେ ହିଁ ତିନିଠାକୁରଙ୍କୁ ପୂଜା କରାଯାଇଥାଏ । କାରଣ ସାନ୍ତାଳମାନଙ୍କ ପରମ୍ପରାରେ ଶାଳବୃକ୍ଷକୁ ଧର୍ମର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଆଉ ଏହି ତିନି ଠାକୁରଙ୍କ ସହିତ ଧର୍ମକୁ ମଧ୍ୟ ପୂଜା କରାଯାଇଥାଏ ।

**ପାର୍ଶ୍ୱ ଦେବତା -**

ଜାହେର୍‌ରେ ପୂର୍ବୋକ୍ତ ତିନି ଠାକୁର କେବଳ ପୂଜା ପାଇ ନଥାନ୍ତି, ସେମାନଙ୍କ ବ୍ୟତିରେକ ପାର୍ଶ୍ୱଦେବତା ଭାବେ ଅନେକ ଦେବାଦେବୀ ପୂଜା ପାଇଥାନ୍ତି । ଯେପରିକି - ପାତାଲ୍‌ପୁରୀ ମାଝୀବାବା (ପାତାଳ ଲୋକର ମୁଖ୍ୟ), ଠାକୁରାନ୍ (ଠାକୁରାଣୀ), ଆଖପାଖର ବିଭିନ୍ନ ପାହାଡ଼, ଜଳାଶୟ, ନଦୀ, ନିର୍ଝରିଣୀ ଆଦି ସ୍ଥାନମାନଙ୍କରେ ଅବସ୍ଥାନ କରୁଥିବା ଦେବାଦେବୀଙ୍କୁ ମଧ୍ୟ ଜାହିରାରେ ସଂସ୍ଥାପନ କରାଯାଇ ପାର୍ଶ୍ୱଦେବତା ଭାବେ ପୂଜା କରାଯାଇଥାଏ ।

ଏଣୁ ଅନେକାଂଶର ଶ୍ରୀମନ୍ଦିରରେ ତିନି ଠାକୁରଙ୍କ ବ୍ୟତୀତ ପୂଜା ପାଉଥିବା ଅନ୍ୟ ପାର୍ଶ୍ୱଦେବତାଙ୍କ ପୂଜା ପରମ୍ପରା ସହିତ ସାମଞ୍ଜସ୍ୟ ରକ୍ଷା କରୁଅଛି ।

**ବର୍ଣ୍ଣବିଭେଦତା ମଧ୍ୟରେ ଏକତା -**

ଜାହେର୍‌ଗାଲ୍‌ରେ ପୂଜିତ ତିନି ଠାକୁରଙ୍କ ମଧ୍ୟରେ ବର୍ଣ୍ଣଗତ ବିଭେଦତା ରହିଛି । ଏଥିପାଇଁ ହିଁ ଦେବୀ ଜାହେର୍ ଏହାଙ୍କୁ (ହେଲାଃକାଲଟ୍ ନାଲି ଓ ହଳଦିଆ ମିଶ୍ରିତ ରଙ୍ଗର ଅଣ୍ଡା ଦେଇନଥିବା ମାଈକୁକୁଡ଼ା ଅର୍ପଣ କରାଯାଉଥିବା ବେଳେ, ବାବା ମଣେକ ଠାକୁରଙ୍କୁ ନାଲି କୁକୁଡ଼ା ଗଞ୍ଜା ଏବଂ ଲିଟା ବାବାଙ୍କୁ ଧଳାରଙ୍ଗର କୁକୁଡ଼ା ଗଞ୍ଜା ବଳି ସ୍ୱରୂପ ପ୍ରଦାନ କରାଯାଇଥାଏ । କିନ୍ତୁ ଏସବୁ ସତ୍ତ୍ୱେ ଏହି ତିନି ଠାକୁରଙ୍କୁ ଏକ ପରିବାରର ସଦସ୍ୟ ଭାବେ ଗ୍ରହଣ କରାଯାଇଥାଏ । ଏହାକୁ ସେମାନଙ୍କ ବର୍ଣ୍ଣଗତ ବିଭେଦତା ମଧ୍ୟରେ ଏକତା ନାମରେ ନାମକରଣ କରାଯାଇପାରେ ।

ଠିକ୍ ସେହିପରି ଶ୍ରୀମନ୍ଦିରର ତିନି ଠାକୁରଙ୍କ ଦେହର ରଙ୍ଗ କଥା ଭାବିଲା ବେଳକୁ ମଧ୍ୟ ଏହାକୁ ଅନୁଭବ କରାଯାଇପାରେ । ଯେପରିକି ବଡ଼ଭାଇ ବଳଭଦ୍ରଙ୍କ ଦେହର ରଙ୍ଗ ସମ୍ପୂର୍ଣ୍ଣ ଧଳା ହୋଇଥିବା ବେଳେ, ଭଗିନୀ ସୁଭଦ୍ରାଙ୍କ ବର୍ଣ୍ଣ ହରିଦ୍ରା ଏବଂ ପ୍ରଭୁ ଜଗନ୍ନାଥ ହେଉଛନ୍ତି କୃଷ୍ଣବର୍ଣ୍ଣର । ଏହି ବିଭେଦତା ସତ୍ତ୍ୱେ ସେମାନେ ହେଉଛନ୍ତି ଏକ ପରିବାରର ସଦସ୍ୟ । ଯାହା ସମଗ୍ର ବିଶ୍ୱର ଜନସାଧାରଣଙ୍କୁ ବର୍ଣ୍ଣକୁ ନେଇ କୌଣସି ବିଭେଦତା ନରଖି ସମସ୍ତଙ୍କ ମଧ୍ୟରେ ଆତ୍ମୀୟତାର ସମ୍ପର୍କ ଗଢ଼ି ଉଠୁ ବୋଲି ସନ୍ଦେଶ ପ୍ରଦାନ କରେ ।

**ବିଭିନ୍ନ ଧର୍ମର ସମାବେଶ -**

ଜାହେର୍‌ଗାଲ୍ ଶାର୍‌ନା ଧର୍ମାବଲମ୍ବୀଙ୍କ ପୂଜାସ୍ଥଳୀ ହୋଇଥିଲେ ମଧ୍ୟ ସେଥିରେ ଉଭୟ ହିନ୍ଦୁ ଏବଂ ଇସ୍‌ଲାମ୍ ଧର୍ମର ବୀଜ ନିହିତ ହୋଇଥିବାକଥା ଦେଖିବାକୁ ମିଳିଥାଏ । ଜାହେର୍‌ଗାଲ୍‌ର ଆରାଧ୍ୟ ଦେବୀ 'ଜାହେର୍‌ଏରା'ଙ୍କ ପାଖରେ ଯେଉଁ ନାଲି ହଳଦିଆ ମିଶ୍ରିତ ମାଈ କୁକୁଡ଼ାଟିକୁ ବଳି ଦିଆଯାଏ । ତାହାକୁ ବେକର ଉପର ଭାଗରୁ କଟା ନଯାଇ ତଳପଟୁ କଟାଯାଇ ଅଧାକଟା ଅବସ୍ଥାରେ ରଖାଯାଇଥାଏ । ଏହା ଠିକ୍ ଇସ୍‌ଲାମ୍ ଧର୍ମର ଲୋକମାନେ ଯେପରି କାଟନ୍ତି (ଜବେ କରନ୍ତି) ଠିକ୍ ସେହିପରି । ଜାହେର୍‌ଏରାଙ୍କୁ ଛାଡ଼ି ଅନ୍ୟ ଦୁଇଦେବତା ବାବା ମଣେକ ଓ ଲିଟା ଏବଂ ସମସ୍ତ ପାର୍ଶ୍ୱ ଦେବାଦେବୀଙ୍କୁ ପ୍ରଦାନ କରାଯାଉଥିବା ବଳି ବେକର ଉପର ପଟୁ ହିଁ କଟାଯାଇଥାଏ । ଠିକ୍ ଯେପରି ହିନ୍ଦୁ ଧର୍ମାବଲମ୍ବୀମାନେ କରିଥାନ୍ତି ସେହିପରି । ସେହିଠାରୁ ପୂଜାବିଧିର ଅନ୍ତିମ ପର୍ଯ୍ୟାୟରେ ଯେତେବେଳେ ନାୟକେ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରନ୍ତି, ସେତେବେଳେ ଦୁଇହାତକୁ ଯୋଡ଼ମୁଦ୍ରାରେ ପଶ୍ଚାଦ୍ ଭାଗକୁ ରଖି ଆଗକୁ ମୁଣ୍ଡ ନୁଆଁଇ ପ୍ରଣାମ କରନ୍ତି । ଏହା ଠିକ୍ ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କ ନମାଜ୍ ପାଠ ଅବସରରେ ଅଙ୍ଗଭଙ୍ଗୀ ସହିତ ଅନେକ ସାମଞ୍ଜସ୍ୟ ରକ୍ଷା କରୁଅଛି । ପରବର୍ତ୍ତୀ ପର୍ଯ୍ୟାୟରେ ନାୟକ (ପୂଜକ) ଦୁଇ ହାତ ଯୋଡ଼ି ସାଷ୍ଟାଙ୍ଗ ପ୍ରଣାମ କରିଥାନ୍ତି ଠିକ୍ ହିନ୍ଦୁ ଧର୍ମାବଲମ୍ବୀଙ୍କ ପରି । ଏହି ଧରଣର ଆଚରଣ ବିଧିକୁ ଲକ୍ଷ୍ୟ କରାଯିବା ପରେ ଏହା ଅକ୍ଳେଶରେ କୁହାଯାଇପାରେ ହିନ୍ଦୁ ଧର୍ମ ଓ ଇସ୍‌ଲାମ୍ ଧର୍ମର ବୀଜ ସାର୍‌ନା ଧର୍ମରେ ନିହିତ ହୋଇ ରହି ଆସିଅଛି ।

ଜଗନ୍ନାଥ ଧର୍ମରେ ମଧ୍ୟ ଶୈବ, ଶାକ୍ତ ଓ ଗାଣଗାତ୍ୟ ଧର୍ମର ସମ୍ମିଶ୍ରଣ ଘଟିଥିବା କଥା ଆଲୋଚକମାନେ ମତବ୍ୟକ୍ତ କରିଥାନ୍ତି । ବଡ଼ ଠାକୁର ବଳଭଦ୍ରଙ୍କୁ ଶୈବଧର୍ମର ଉପାସ୍ୟ ଦେବତା ଭାବେ, ସୁଭଦ୍ରାଙ୍କୁ ଶାକ୍ତଧର୍ମର ଉପାସ୍ୟ ଦେବୀଭାବେ ଏବଂ ପ୍ରଭୁ ଜଗନ୍ନାଥଙ୍କୁ ଗାଣପତ୍ୟ ଓ ବୈଷ୍ଣବ ଧର୍ମର ଇଷ୍ଟଭାବେ ଗ୍ରହଣ କରାଯାଇଥାଏ । ତେଣୁ ଏଠାରେ ମଧ୍ୟ ବିଭିନ୍ନ ଧର୍ମର ସମନ୍ୱୟ ହୋଇଥିବା କଥା ଜଣାଯାଉଅଛି ।

**ଅନ୍ନଭୋଗ -**

ଜାହେର୍‌ଗାଲ୍‌ରେ ଜାହେର୍‌ଏରା ଏବଂ ଅନ୍ୟ ସମସ୍ତ ଠାକୁର ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିବା କୁକୁଡ଼ାତକ କାଟି ମାଂସ ପ୍ରସ୍ତୁତ କରାଯାଏ ଏବଂ ତାହାକୁ ଗ୍ରାମରୁ ସଂଗ୍ରହ କରାଯାଇଥିବା ଚାଉଳ ସହିତ ସୁସ୍ୱାଦିଷ୍ଟ ଖେଚୁଡ଼ି ପ୍ରସ୍ତୁତ କରାଯାଏ । ଏହି ଖେଚୁଡ଼ି ଉପସ୍ଥିତ ଥିବା ସମସ୍ତଙ୍କୁ ବଣ୍ଟା ଯାଇଥାଏ । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ଏଥିରେ କୌଣସି ଜାତିଗତ ବିଭେଦତାକୁ ପ୍ରଶ୍ରୟ ଦିଆ ଯାଇନଥାଏ । ଶାର୍‌ନା ଧର୍ମାବଲମ୍ବୀ ସାନ୍ତାଳଙ୍କ ମଧ୍ୟରେ ଏହି ଧାରାଟି କେଉଁ ଆବହମାନ କାଳରୁ ଅବ୍ୟାହତ ଭାବେ ରହିଆସିଛି ।

ଅପର ପକ୍ଷରେ ଶ୍ରୀ ମନ୍ଦିର ତଥା ଜଗନ୍ନାଥ ଧର୍ମରେ ମଧ୍ୟ ଯେଉଁ ଅବଢ଼ା ପ୍ରସ୍ତୁତ କରାଯାଇଥାଏ, ତାହା ମଧ୍ୟ ଏକ ପ୍ରକାର ଖେଚୁଡ଼ି ଏବଂ ଅନ୍ନଭୋଗ । କେବଳ ସେତିକି ନୁହେଁ ଏହି ଭୋଗକୁ ମଧ୍ୟ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଗ୍ରହଣ କରିବାରେ ସେମିତି କିଛି ପ୍ରତିବନ୍ଧକ ନାହିଁ ।

**ପ୍ରାରମ୍ଭରେ ଏକ -**

ଜାହେର୍‌ଗାଲ୍‌ରେ ପୂଜା ପାଉଥିବା ଦେବାଦେବୀଙ୍କ ଉତ୍ପତ୍ତିସ୍ଥଳ କଥା ବିଚାର କଲେ ଜଣାଯାଇଥାଏ, ଏମାନଙ୍କ ମଧ୍ୟରୁ ପ୍ରଥମେ କେବଳ ମାରାଂବୁରୁ ନାମକ ଠାକୁରଙ୍କୁ ପିଲ୍‌ଚୁ ନରନାରୀ ଲିଟା ଗଡେଡ୍‌ଙ୍କ ନିର୍ଦ୍ଦେଶ କ୍ରମେ ପୂଜା କରୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେହି ଠାକୁର ଜାହେର୍‌ଗାଲ୍‌ରେ ବାବା ମଣେକ ରୂପରେ ରୂପାନ୍ତରିତ ହୋଇ ଜାହେର୍ ଏରା ଓ ଲିଟା ଠାକୁରଙ୍କ ସହିତ ପୂଜା ପାଇଲେ । ପୁନଶ୍ଚ ଏହି ସମସ୍ତ ଘଟଣାମାନ ସଂଗଠିତ ହେବା ପଛରେ ନାରୀମାନଙ୍କ ପ୍ରଚ୍ଛନ୍ନ ହାତ ରହିଛି ।

ସେହିପରି ଶ୍ରୀ ମନ୍ଦିରର ତିନି ଠାକୁରଙ୍କ କଥା ବିଚାର କଲା ବେଳକୁ ପ୍ରଥମ ପର୍ଯ୍ୟାୟରେ ବିଶ୍ୱାବସୁ କେବଳ ଏକ ଠାକୁର ନୀଳମାଧବଙ୍କୁ ହିଁ ପୂଜା କରୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ନୀଳମାଧବ ଜଗନ୍ନାଥଙ୍କୁ ରୂପାନ୍ତରିତ ହେବା ଏବଂ ତାଙ୍କ ସହିତ ବଳଭଦ୍ର ଏବଂ ସୁଭଦ୍ରାଙ୍କ ପୂଜା ପାଇବା ସକାଶେ ନାରୀ ଚରିତ୍ରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି

ଆସିଅଛନ୍ତି । ଏହା ହୁଏତ କେତେବେଳେ ରାଜଜେମା ଲଳିତା ରୂପରେ ହେଉ ଅବା କେତେବେଳେ ପାଟରାଣୀ ଗୁଣ୍ଡିଚା ରୂପରେ ହେଉ କିନ୍ତୁ ସେହି ନାରୀ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଅଛନ୍ତି ।

**ଭାଇଭଉଣୀଙ୍କ ସମ୍ପର୍କ -**

ଜାହେର୍‌ରେ ପୂଜା ପାଉଥିବା ଜାହେର୍‌ଏରା, ବାବା ମଣେକ, ଏବଂ ଲିଟା ଠାକୁର, ଏହି ତିନି ଦିଅଁଙ୍କ ମଧ୍ୟରୁ ଜାହେର୍ ଏରା ଏବଂ ଲିଟା ଠାକୁରଙ୍କ ସମ୍ପର୍କ ଭାଇ ଭଉଣୀର ସମ୍ପର୍କ । ଜାହେର ଏରା ହେଉଛନ୍ତି ଲିଟାଙ୍କର ବଡ଼ ଭଉଣୀ । ତେଣୁ ସେ ହେଉଛନ୍ତି ଘରର କର୍ତ୍ତ୍ରୀ । ଅନେକ ସମୟରେ ଲିଟାଙ୍କୁ ଶାସନ ଏବଂ ତାଗିଦା କରିଛନ୍ତି । ଠିକ୍ ସେହିପରି ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ରରେ ପ୍ରଭୁ ବିଜେ କରିଛନ୍ତି ଭଗିନୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କୁ ନେଇ ରତ୍ନସିଂହାସନରେ, କିନ୍ତୁ ଏଠାରେ ସେ ବଡ଼ ଭଉଣୀ ରୂପରେ ନୁହେଁ ତାଙ୍କ ସାନ ଭଉଣୀ ରୂପରେ । ଏହା ଯାହା ହେଉନା କାହିଁକି ତାଙ୍କ ସମ୍ପର୍କ ଭାଇଭଉଣୀର ସମ୍ପର୍କ ।

**ଅଶ୍ଳୀଳ ଉଚ୍ଚାରଣ -**

ଜାହେର୍‌ଥାନ୍ ବା ଜାହେର୍‌ଗାଲ୍‌କୁ ଏକ ପବିତ୍ର ସ୍ଥାନ ଭାବେ ଗ୍ରହଣ କରାଯାଇଥାଏ । ଏଠାରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଲୋକର ସମସ୍ତ ଦେବାଦେବୀଗଣ ଅବସ୍ଥାନ କରନ୍ତି ବୋଲି ବିଶ୍ୱାସ କରାଯାଇଥାଏ । ତେଣୁ ଏହି ଭୂମି ହେଉଛି ଏକ ପବିତ୍ର ଭୂମି । ଏଠାକାର ସମସ୍ତ ଜିନିଷ ପବିତ୍ର ବୋଲି ଗ୍ରହଣ କରାଯାଇଥାଏ । ଏହି ଭୂମିରେ ଯେଉଁମାନେ ପଦାର୍ପଣ କରନ୍ତି ସେମାନେ ମଧ୍ୟ ନିର୍ଦ୍ଦିଷ୍ଟ ବିଧିମତେ ଶୁଚିବନ୍ତ ହୋଇ ପଦପାତ କରିଥାନ୍ତି । ନାୟକେ ବାବା (ଜାହିରାର ପୂଜକ)ଙ୍କ କଥା ଜାହାକୁ ଅଗୋଚର ନୁହେଁ, ସେ ଏହିଠାରେ ପୂଜାର୍ଚ୍ଚନା କରିବା ସକାଶେ ପ୍ରତ୍ୟହ କେତେ ନୀତିନିୟମମାନ ପାଳନ କରିଥାନ୍ତି । ଏପରିକି ଫଗୁଣ ମାସ ଆସି ଉପଗତ ହେଲେ ସେ ପ୍ରାୟତଃ ନିଜ ଗାଆଁ ଛାଡ଼ି ଅନ୍ୟତ୍ର ଗମନ କରନ୍ତି ନାହିଁ । କେତେବେଳେ କେମିତି ବାଧ୍ୟବାଧକତାରେ ଅନ୍ୟ କେଉଁ ଗାଁକୁ ଗଲେ । ସେଠାରେ ସେ ପାଣି ସୁଦ୍ଧା ଗ୍ରହଣ କରନ୍ତି ନାହିଁ, କିନ୍ତୁ ଏହିପରି ଏକ ପବିତ୍ର କ୍ଷେତ୍ରରେ କାହିଁକି କେଜାଣି ସହରାୟ (କାଳୀପୂଜା) ଅବସରରେ ଜାହିରାର ସେହି ଦେବାଦେବୀଙ୍କୁ ପୂଜା କରାଯାଉଥିବା ଗୋଠବଙ୍ଗା (ଗୋଠ ପୂଜା)ରେ ଏବଂ ବାହାବଙ୍ଗା ଶାଳୟ ପୂଜାରେ ଅଶ୍ଳୀଳ ଶବ୍ଦ ଓ ଗୀତମାନ ବୋଲାଯିବାର ପରମ୍ପରା ରହିଛି । ଏହି ଅବସରରେ ଯେଉଁ ଗୀତ ଓ ଶବ୍ଦମାନ ଉଚ୍ଚାରଣ କରାଯାଇଥାଏ ସେଗୁଡ଼ିକ ପ୍ରାୟତଃ ଆଦିରସାତ୍ମକ । ବୋଧହୁଏ ଆଜିର ସମୟରେ ଯାହାକୁ ଅଶ୍ଳୀଳ ବୋଲି କୁହାଯାଉଅଛି ଅତୀତରେ ତାହାକୁ ଶ୍ଳୀଳ ବୋଲି ଗ୍ରହଣ କରାଯାଇ ଥାଇପାରେ ବା ଏହାକୁ ସେତେବେଳର ସାମାଜିକ ଚଳଣୀ ବୋଲି କୁହାଯାଇପାରେ । ସାମ୍ପ୍ରତିକ ସମୟରେ ଏହି ଧରଣର ଉଚ୍ଚାରଣ ତଥା ଆବୃତ୍ତି ତାହା ମଧ୍ୟ ଅଶ୍ଳୀଳ ଏବଂ ଆଦିରସାତ୍ମକ । କେବଳ ସେତିକି ନୁହେଁ ଏହି ପବିତ୍ର ଧାମରେ ମନ୍ଦିର ଗାତ୍ରରେ ନାରୀ ପୁରୁଷଙ୍କ ଯେଉଁ ଯୁଗଳମୂର୍ତ୍ତି ଖୋଦନ କରାଯାଇଅଛି, ତାହାକୁ ମଧ୍ୟ ଅଶ୍ଳୀଳ ବୋଲି ଗ୍ରହଣ କରାଯାଇପାରେ । ଗବେଷକମାନଙ୍କ ମତାନୁସାରେ ଜଗନ୍ନାଥ ସଂସ୍କୃତିକୁ ଏହି ଧାରା ହୁଏତ ସହଜିଆ ବୌଦ୍ଧଧର୍ମାବଲମ୍ବୀଙ୍କ ସଂସର୍ଗର ଫଳ ହୋଇପାରେ । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ଯଦି ଜଗନ୍ନାଥ ଆଦିବାସୀଙ୍କ ଉପାସ୍ୟ ଦେବତା ଏବଂ ଜଗନ୍ନାଥ ସଂସ୍କୃତିରେ ମଧ୍ୟ ଆଦିବାସୀଙ୍କ ଯଥେଷ୍ଟ ପ୍ରଭାବ ଅନୁଭବ କରିହୁଏ । ତାହାହେଲେ ଏହି ଧାରାଟି ସେମାନଙ୍କ ସେହି ଜାହେର୍‌ଗାଲ୍‌ରୁ ଆସିଥିବା କଥାକୁ କାହିଁକି କୁହାଯାଇପାରିବ ନାହିଁ । ଏହା ଏକ ପ୍ରଶ୍ନବାଚୀ ହୋଇ ରହି ଯାଇଅଛି, ତେଣୁ ଏ ଦିଗରେ ଅଧିକ ଗବେଷଣା କଲେ ହୁଏତ ଅନେକ ନୂତନ ତଥ୍ୟ ଆଗାମୀ ଦିନରେ ଲୋକଲୋଚନକୁ ଆସିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ।

**ବୃକ୍ଷ ସହ ସମ୍ପର୍କ -**

ଜାହେର୍‌ଗାଲ୍ ବା ଜାହିରା ବୋଲି ଯାହାକୁ କୁହାଯାଇଥାଏ ତାହା ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ପୂଜାସ୍ଥଳ । ପ୍ରାୟତଃ ଗାଁମୁଣ୍ଡର ଏକ କ୍ଷୁଦ୍ର ବନାନୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ନାନା ପ୍ରକାରର ବୃକ୍ଷ ଓ ଲତାରେ ଏହି ସ୍ଥାନଟି ପରିଶୋଭିତ । ଏହି ପ୍ରାକୃତିକ ପରିବେଶ ମଧ୍ୟରେ ତାଙ୍କର ଆରାଧ୍ୟ ଦେବାଦେବୀଗଣ ପୂଜା ପାଇଥାନ୍ତି ।

ତା'ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେଉଁ ଗାଁରେ ସେହି ଧରଣର ବନଭୂମି ନାହିଁ ସେଠାରେ ଠାକୁରମାନେ ପୂଜା ପାଆନ୍ତି କି ନାହିଁ । ଏହାର ଉତ୍ତରରେ ଏତିକି କୁହାଯାଇପାରେ ଭକ୍ତ ଯେଉଁଠି ଭଗବାନ ସେଇଠି ତେଣୁ ସେହିପରି ବୃକ୍ଷଶୂନ୍ୟ ଗ୍ରାମମାନଙ୍କରେ ମଧ ଜାହିରାର ସଂସ୍ଥାପନ କରାଯାଇପାରେ । କିନ୍ତୁ ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ଯେଉଁଠାରେ ଅନ୍ୟ ବୃକ୍ଷ ଥିଲେ ମଧ୍ୟ ଶାଳବୃକ୍ଷ ନଥିଲେ ସେହିଭଳି ସ୍ଥାନମାନଙ୍କରେ ଜାହିରା ସ୍ଥାପନ କରିବାକୁ ହେଲେ ପ୍ରଥମତଃ ଶାଳବୃକ୍ଷର ଡାଳକୁ କାଟି ସେହି ସ୍ଥାନରେ ସ୍ଥାପନ କରାଯାଇଥାଏ । ତାହାପରେ ଏହି ବୃକ୍ଷ ନିକଟରେ ତିନି ଦିଅଁ ଜାହେର୍ଏରା, ବାବା ମଣେକ, ବାବା ଲିଟାକୁ ପୂଜା କରାଯିବାର ବିଧି ରହିଛି । ଅର୍ଥାତ୍ ଜାହେର୍ଗାଲ୍ର ବୃକ୍ଷ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି । ଏହା ବ୍ୟତିରେକ ଏହାର ପରିକଳ୍ପନା ମଧ କରାଯାଇ ନ ପାରେ । କାରଣ ଏହି ଶାଳବୃକ୍ଷ ହିଁ ହେଉଛି ଧର୍ମର ପ୍ରତୀକ ଏହାକୁ ମଧ୍ୟ ଦେବତାର ମାନ୍ୟତା ପ୍ରଦାନ କରାଯାଇଥାଏ ।

ଠିକ୍ ସେହିପରି ଜଗନ୍ନାଥ ସଂସ୍କୃତିରେ ମଧ ବୃକ୍ଷର ସ୍ୱତନ୍ତ୍ର ସ୍ଥାନ ରହିଛି । କାରଣ ନିମ୍ବକାଷ୍ଠ ବ୍ୟତିରେକ ଅନ୍ୟ କୌଣସି କାଷ୍ଠ ବା ଧାତୁରେ ଶ୍ରୀମନ୍ଦିରର ତିନି ଦିଅଁଙ୍କ ବିଗ୍ରହ ନିର୍ମାଣ କରାଯିବାର ବିଧି ନାହିଁ । ତେଣୁ ଜଗନ୍ନାଥ ତଥା ଜଗନ୍ନାଥ ଧର୍ମର ବୃକ୍ଷ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି ।

ଏହି ପ୍ରକାରେ ଜାହେର୍ ଓ ଜଗନ୍ନାଥଙ୍କ କଥା ତୁଳନାତ୍ମକ ଭାବେ ବିଚାର କଲେ ବହୁ ଦିଗରୁ ସାମଞ୍ଜସ୍ୟ ରହିଅଛି । ତେଣୁ ଏହା ଉପରେ ଅଧିକ ଗବେଷଣା କରାଗଲେ ସାରନା ଧର୍ମ ସହିତ ଜଗନ୍ନାଥ ଧର୍ମର ସମ୍ପର୍କ ନେଇ ବହୁ ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆସିପାରିଥାନ୍ତା । ତେଣୁ ଏ ଦିଗରେ ଅଧିକ ଗବେଷଣା କରାଯିବା ସାପେକ୍ଷ ।

ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ